# ସ୍ୱର୍ଗତ ନୃସିଂହ ଗୁରୁଙ୍କ ପରଲୋକ

ଶ୍ରୀ ବଲ୍ଲଭ ପାଣିଗ୍ରାହୀ

ବିଶିଷ୍ଟ ଗାନ୍ଧୀବାଦୀ କର୍ମୀ ତଥା ଆଦର୍ଶ ସାମ୍ବାଦିକ ଶ୍ରୀ ନୃସିଂହଗୁରୁଙ୍କ ପରଲୋକ ସମଗ୍ର ଓଡ଼ିଶା ପକ୍ଷରେ ଏକ ମର୍ମନ୍ତୁଦ ଘଟଣା । ୮୩ ବର୍ଷରେ ତାଙ୍କ ମୃତ୍ୟୁ ହୋଇଥିଲେ ମଧ ଏହା ଅତି ଆକସ୍ମିକ ତଥା ଅପ୍ରତ୍ୟାଶିତ । ନବବର୍ଷ ଉପଲକ୍ଷେ ଏଇତ ଜାନୁୟାରୀ ପହିଲା ତାରିଖ ସନ୍ଧ୍ୟାରେ ଜିଲ୍ଲା ସାମ୍ବାଦିକ ଆନୁକୁଲ୍ୟରେ ସ୍ଥାନୀୟ କୋଶଳ ଭବନ ଠାରେ ଆୟୋଜିତ ବନ୍ଧୁ ମିଳନରେ ଆମ୍ଭେ ଯେଉଁମାନେ ତାଙ୍କର ସାନ୍ନିଧଲାଭ କରିଥିଲୁ କେବେହେଲେ କଳ୍ପନା କରିନଥିଲୁ ଯେ ତହିଁର ମାତ୍ର ୩୮ ଘଣ୍ଟା ପରେ ତାଙ୍କ ଶବାଧାର ଉପରେ ଆମକୁ ମାଲ୍ୟାର୍ପଣ କରିବାକୁ ପଡ଼ିବ ।

ନବବର୍ଷର ଏ ବନ୍ଧୁ ମିଳନରେ, ତାଙ୍କ ଜୀବନର ଶେଷ ଭାଗରେ ସାମ୍ବାଦିକତା ମାଧମରେ ସମାଜ ସେବା ନିମନ୍ତେ ତାଙ୍କୁ ଆବଶ୍ୟକୀୟ ସୁଯୋଗ ଦେଇନଥିବା ଉଲ୍ଲେଖ କରି ସେ ଯେଉଁ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ କରିଥିଲେ ସେଥିରୁ ତାଙ୍କର ଜନସେବା ମନୋବୃତ୍ତିର ନିଦର୍ଶନ ମିଳେ । ଏଥିସହ ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି ସେ ଯେଉଁ ଶୁଭକାମନା କରିଥିଲେ ତାହା ଉପସ୍ଥିତ ଥିବା ପ୍ରତ୍ୟେକଙ୍କ କର୍ଣ୍ଣଯୁଗଳରେ ପ୍ରତିଧ୍ୱନିତ ହେଉଛି । ଗୁରୁ ମହାଶୟ ଏହି ବନ୍ଧୁ ମିଳନରେ ଯୋଗଦାନ କରି ରାତିରେ ମୋଦିପଡ଼ା ଲେବର କଲୋନୀସ୍ଥିତ ନିଜ ସରକାରୀ ବାସଗୃହରେ ବିଶ୍ରାମ କରିଥିଲେ ଏବଂ ପରବର୍ତ୍ତୀ ସକାଳେ ତାଙ୍କ ଜଣେ ଆତ୍ମୀୟଙ୍କ ଦଶାହକାର୍ଯ୍ୟରେ ପାଇଁ ମଧ୍ୟପ୍ରଦେଶର ସାରଙ୍ଗଗଡ଼ ଉପଲକ୍ଷେ ଏକ ଟାକ୍ସିରେ ଯାତ୍ରା କରିଥିଲେ । ସେଠାରେ ସେହି ରାତିରେ କିଛି ସମୟ ପାଇଁ ଅଜ୍ଞାଜନିତ ଅସୁସ୍ଥତା ବୋଧ କଲାପରେ ତାଙ୍କ ହୃଦଯନ୍ତ୍ରକ୍ରିୟା ବନ୍ଦ ହୋଇଯିବା ଫଳରେ ତାଙ୍କ ଦୀର୍ଘ ନିସ୍ୱାଃର୍ଥପର ତଥା ସରଳ ନୀରାଡ଼ମ୍ବର କର୍ମମୟ ଜୀବନର ଅବସାନ ଘଟିଲା । ସେହି ଟାକ୍‌ସି ତାଙ୍କ ମରଶରୀର ଧରି ୩ ତାରିଖ ସକାଳେ ତାଙ୍କ କର୍ମକ୍ଷେତ୍ର ସମ୍ବଲପୁରରେ ପହଞ୍ଚିବା ସଙ୍ଗେ ସଙ୍ଗେ ଏହି ଦୁଃସମ୍ବାଦ ବିଜୁଳି ବେଗରେ ପ୍ରଚାରିତ ହୋଇ ସହରସାରା ଶୋକର ଛାୟା ଖେଳାଇଦେଲା ।

ଗୁରୁ ମହାଶୟ ତାଙ୍କ ଜୀବନରୁ ସ୍ୱାଧୀନତା ସଂଗ୍ରାମ ତଥା ସମାଜସେବା ପ୍ରତି ଆକୃଷ୍ଟ ହୋଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ପାଇଁ ତାଙ୍କୁ ଦୁଇଥର କାରାବରଣ ସାଙ୍ଗକୁ ଅସହ୍ୟ ନିର୍ଯ୍ୟାତନା ଭୋଗିବାକୁ ପଡ଼ିଥିଲା । ସମ୍ବଲପୁର ଜିଲ୍ଲାରେ ହରିଜନ ତଥା ଅସ୍ପୃଶ୍ୟତା ଆନ୍ଦୋଳନରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ସେ ସରଳ ଓ ତ୍ୟାଗପୂତ ଜୀବନଯାପନ କରି ସମାଜର ସବୁ ମହଲରେ ବିଶେଷ ଶ୍ରଦ୍ଧା ଓ ଆଦରର ପାତ୍ର ହୋଇ ପାରିଥିଲେ । ସ୍ୱାଧୀନତା ପରେ ସଂଗ୍ରାମୀମାନେ କ୍ଷମତା ରାଜନୀତି ପ୍ରତି ଆକୃଷ୍ଟ ହୋଇଥିବା ବେଳେ ଗୁରୁ ମହାଶ ତହିଁରୁ ଦୂରରେ ରହି ସାମ୍ବାଦିକତାକୁ ଆଜୀବନ ନିଜର ବ୍ରତ ରୂପେ ଗ୍ରହଣ କରିଥିବା ବିଶେଷ ଉଲ୍ଲେଖ ଯୋଗ୍ୟ । ସାମ୍ବାଦିକ ରୂପେ ସେ କେବେହେଲେ ନିଜ କଲମର ଅସଦବ୍ୟବହାର କରିଥିବା ଜଣାନାହିଁ । ସୁସ୍ଥ ତଥା ସୃଜନଶୀଳ ସାମ୍ବାଦିକତା ମାଧମରେ ସମାଜ ସେବା ଥିଲା ତାଙ୍କର ଧେୟ । ମୂଲ୍ୟବୋଧ ଦୃଷ୍ଟିରୁ

ସାମ୍ବାଦିକତା ଆକାଶରେ ତାଙ୍କୁ ଧ୍ରୁବତାରା ସଦୃଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତୀୟ ସଂସ୍କୃତିର ଜଣେ ଅକୃତ୍ରିମ ପୂଜାରୀ ରୂପେ ସେ ମଧ୍ୟ ଥିଲେ ଜଣେ ଆଦର୍ଶ ନାଗରିକ ।

ସଂପ୍ରତି ସମାଜରେ ନୀତି, ନୈତିକତା ତଥା ମୂଲ୍ୟବୋଧର ଦୃତ ଅଧୋଗତି ପରିପ୍ରେକ୍ଷୀରେ ଏଭଳି ଜଣେ ବିରଳ ବ୍ୟକ୍ତିଙ୍କ ପରଲୋମ ଯେ ବିଶେଷ ବେଦନାଦାୟକ ଓ ଏତଦ୍‌ଜନିତ କ୍ଷତି ଅପୂରଣୀୟ ଏହା କହିବା ନିଷ୍ପ୍ରୟୋଜନ । ତାଙ୍କ ବିୟୋଗରେ ଆମେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଆମ ଅନ୍ତରର ସମବେଦନା ଜ୍ଞାପନ କରୁଛୁଁ । ସ୍ୱର୍ଗତ ଆତ୍ମାର ସଦଗତି ହେଉ ଏହାହିଁ ଈଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା ।

(ଦୈନିକ ହୀରାଖଣ୍ଡ ୪-୧-୮୪ ତାରିଖ ସଂପାଦକୀୟ ସ୍ତମ୍ଭରେ ପ୍ରକାଶିତ)